# Akashvani, Sambalpur

## SAMBALPURI NEWS MORNING BULLETIN

## 21 August 2026 - 6.47- 6.52 am.

---

ଚାଷୀ ପଞ୍ଜିକରଣ୍ ଆଇ ଆଣ୍ଡ୍ ପି.ଆର୍

ରାଏଜେ ୨୦୨୬-୨୭ ରତୁଥି ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ଲାଗି ଚାଷୀ ପଞ୍ଜିକରଣ୍ ତୁର୍ତି ହେଇଛେ । ଏବ୍‌ତକ୍ ରାଜ୍ୟର୍ ପାଖାପାଖି ସାଢ଼େ ୫ ଲାଖ୍ ନୁ ଅଏତ୍‌କା ଚାଷୀ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ କରି ସାଏଲେନ । ଇ ପ୍ରକିୟା ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ପଞ୍ଜିକରଣ୍ ସମିଆ ଶେଷ୍ ହେଉଥିବାର୍‌ନୁ ଅଏତ୍‌କା ଚାଷୀ ପଞ୍ଜିକରଣ୍ କରୁଥିବା ନଜର୍‌କେ ଆସୁଛେ । ବର୍‌ଗଡ୍ ଜିଲ୍ଲା ନ ପାଖାପାଖି ୬୦ ହଜାର୍ ଆଉ କଲାହାଣ୍ଡି ନ ୪୦ ହଜାର୍ ଚାଷୀ ପଞ୍ଜିକରଣ୍ କରିସାରିଥିବାର୍ ବେଲେ ବାକି ସବୁ ଜିଲ୍ଲାମାନ୍‌କେ ଭିଲ୍ ପଞ୍ଜିକରଣ୍ ପ୍ରକ୍ରିୟା ଜାରି ରହିଛେ । ରାଏଜେ ଇହାଦେ ୨ ହଜାର୍ ୯ ଶହ ୭ ଟା ପେକ୍ସ ଆଉ ୪ ଟା ପାଣି ପଂଚାୟତ୍‌ଥି ପଞ୍ଜିକରଣ୍ କାମ୍ ଚାଲିଛେ ।

ଅପରେସନ୍ ଅନ୍ୱେଷଣ୍         ଆର୍ଏନ୍ୟୁ/ ସମ୍ବଲପୁର

ଅଲ୍ଗା ରାଏଜେ ଅସୁରକ୍ଷିତ୍ ଭାବେ ଶୋଷଣ୍ର ଶିକାର୍ ହଉଥିବା ରାଜ୍ୟର୍ ଛୁଆମାନ୍କୁ ଠାବ୍ କର୍ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍ଫୁ ଅପରେସନ୍ ଅନ୍ୱେଷଣ୍ ନାଁଥି ଗୁଟେ ଖାସ୍ ଅଭିଯାନ୍ ମୁଲ୍ ହେଇଛେ । ଇ କାର୍ଯ୍ୟକ୍ରମ୍ ଜରିଏ କେନ୍ଦ୍ରାଂଚଲ୍ ପୁଲିସ୍ ରେଞ୍ଜ୍ ନ ନିଖୋଜ୍ ଥିବା ଛୁଆମାନ୍କୁ ରାଜ୍ୟ ବାହାରେ ଖୁଜ୍ବାର୍କେ ଖୋବ୍ଜଲ୍ଦି ଅଭିଯାନ୍ ମୁଲ୍ ହେବା । ଅନ୍ତରିଣ ପୁଲିସ୍ ଡିଜି ବିଜୟତୋଷ୍ ମିଶ୍ରଙ୍କର୍ ନିର୍ଦ୍ଦେଶ୍ଥି ଗୁଟେ ଖାସ୍ ଟିମ୍ ଗଠନ୍ କରାଯାଇଛେ । ଇ କାର୍ଯ୍ୟକ୍ରମ୍ର ପହେଲା ଖେପେ କେନ୍ଦ୍ରାଂଚଲ ରେଞ୍ଜ୍ର ୨ ଟା ଖାସ୍ ଟିମ୍ ଆଏବା ୨୮ ନୁ ସେପ୍ଟେମ୍ବର୍ ୮ ତାରିଖ୍ତକ୍ ନୂଆଦିଲ୍ଲୀ ଆଉ ରାଜସ୍ଥାନ୍ ନ ନିଖୋଜ୍ ଛୁଆମାନ୍କୁ ଖୁଜ୍ବେ ।

ଜେଲ୍ କର୍ମଚାରି- ଭତା         ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଜେଲ୍ ସଂଗଠନ୍ର ଅଧିକାରୀ ଆଉ କର୍ମଚାରୀମାନ୍କର୍ ଭତାକେ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀଙ୍କର୍ ଅନୁମୋଦନ୍ଥି ଜେଲ୍ ବିଭାଗ୍ର ସବୁ କର୍ମଚାରୀମାନ୍କର୍ ବାର୍ଷିକ ପୋଷାକ୍ ଭତା ୨ ଗୁନା ବଢ଼ାଯାଇଛେ । ଇ ନିଷ୍ପତି ଲାଗି ୨ ହଜାର୍ ୫ ଶହ ଝନ୍ ଜେଲ୍ ଅଧିକାରୀ ଆଉ କର୍ମଚାରୀ ଉପକୃତ୍ ହେବେ । ଚଲ୍ତି ଆର୍ଥିକ୍ ବଛର୍ନୁ ଇ ପୋଷାକ୍ ଭତା ଲାଗୁ ହେବା ।

ବିଏଡ୍ -ନାଁଲେଖା         ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବିଏଡ୍ ପାଠ୍ୟକ୍ରମ୍ଥି ନାଁଲେଖା ଲାଗି ୨ ନମ୍ବର୍ ମେଧା ତାଲିକା ବାହାରିଛେ । ଇଥି ମୋଟ୍ ୮ ଶହ ୨୮ ଝନ୍କୁ ବଛାଯାଇଛେ । ଇ ଛାତ୍ରଛାତ୍ରୀମାନେ ଆଏଜ୍ଠାନୁ ୨୪ ତାରିଖ୍ ଭିତ୍ରେ ନାଁଲେଖେଇପାର୍ବେ । ରାଜ୍ୟର୍ ମୋଟ୍ ୩୧ ଟା ଉଚ୍ଚ ଶିକ୍ଷାନୁଷ୍ଠାନ୍ ନ ୨ ହଜାର୍ ୮ ଶହ ୨୫ ଟା ସିଟ୍ଥି ନାଁଲେଖା ପ୍ରକ୍ରିୟା ଚାଲିଛେ । ପହେଲା ଖେପେ ନାଁଲେଖାଥି ୧୬ ଶହ ୧୧ ଝନ୍ ଛାତ୍ରଛାତ୍ରୀ ନାଁ ଲେଖେଇସାରିଛନ୍ ।

ଡାକ୍ତରୀ ସିଟ୍ ବୃଦ୍ଧି         ଆର୍ଏନ୍ୟୁ/ ସମ୍ବଲପୁର

୨୦୨୬-୨୭ ଶିକ୍ଷା ବଛର୍ ଲାଗି ରାଜ୍ୟର୍ ୨ ଟା ମେଡ଼ିକାଲ୍ କଲେଜ୍ ନ ୫୦ ଟା ଲେଖା ଡାକ୍ତରୀ ସିଟ୍ ବଢ଼ାଯାଇଛେ । ସର୍କାରୀ ମେଡ଼ିକାଲ୍ କଲେଜ୍ ଭାବେ ବୁର୍ଲା ଭୀମ୍ସାର୍ ନ ୫୦ ଟା ଆଉ ଘରୋଇ ମେଡ଼ିକାଲ୍ କଲେଜ୍ ଡିମ୍ସ ନ ୫୦ ଟା ସିଟ୍ ବଢ଼ିଛେ । ଇ ବଢ଼ିଥିବା ସିଟ୍ ଲାଗି ଓଡ଼ିଶା ୧୪ ଟା ସର୍କାରୀ ମେଡ଼ିକାଲ୍ କଲେଜ୍ ନ ୧୮ ଶହ ୫୦ ଡାକ୍ତରୀ ସିଟ୍ଥି ନାଁଲେଖା ହେବା ।

ଏନ୍.ଆର୍.ଟି.ଏସ୍. ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଜାତୀୟ ଗ୍ରାମାଂଚଲ୍ ମେଧାବୃତି ପରୀକ୍ଷା-ଏନ୍.ଆର୍.ଟି.ଏସ୍. -୨୦୨୬ ର ଅନ୍ଲାଇନ୍ ଆବେଦନ୍ ସମିଆକେ ଆଏବା ୨୫ ତାରିଖ୍ତକ୍ ବଢ଼ାଯାଇଛେ । ଆଘୋନୁ ଇତାର୍ ଶେଷ୍ ଦିନ୍ ୨୦ ତାରିଖ୍ ଥିବାର୍ ବେଲେ ରାଏଜେ କେତେଟା ଜିଲ୍ଲା ନ ଦେଖାଦେଇଥିବା ବଏଢ଼୍ ସ୍ଥିତି ଲାଗି ବୋର୍ଡ଼ ତର୍ଫୁ ଇ ସମିଆକେ ବଢ଼ାଯାଇଛେ ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚ୍ନା ଦେଇଛନ୍ । ଚଲ୍ତି ଶିକ୍ଷା ବଛ୍ରେ ୯ ଶ୍ରେଣୀଥି ପଢୁଥିବା ଛାତ୍ରଛାତ୍ରୀ ନିଜର୍ ହାଇସ୍କୁଲ୍ର ପ୍ରଧାନ୍ ଶିକ୍ଷକଙ୍କର୍ ଜରିଏ ଇ ପରୀକ୍ଷା ଲାଗି ଆବେଦନ୍ କରେଇପାର୍ବେ ।

ଆବେଦନ୍ କର୍‌ବାର୍ ସବୁ ସୂଚ୍‌ନା ଆଉ ନିୟମାବଳୀ ବୋର୍ଡ଼୍ ୱେବ୍‌ସାଇଟ୍ bseodisha.ac.in ଥି ମିଲିପାରୁଛେ । ପରୀକ୍ଷା ଆଏବା ମାସର୍ ୨୨ ତାରିଖ୍ ଦିନ ହେବା ।

ସମନ୍ୱୟ ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ବେଟି ବଚାଓ- ବେଟି ପଢ଼ାଓ ଯୋଜ୍‌ନା ଉପ୍‌ରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ହେଇଥିବା ବୈଠକ୍‌ଥି ବାଲ୍ୟ ବିବାହକେ ବନ୍ଦ୍ କର୍‌ବାର୍ ଲାଗି ଭିନ୍ ଭିନ୍ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କୁ ନେଇକରି ଗୁଟେ ଟାସ୍କଫୋର୍ସ ଗଠନ୍ କରାଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲାକେ ବାଲ୍ୟବିବାହ ମୁକ୍ତ କର୍‌ବାର୍ ସହେତେ ଟୁକେଲ୍ ଛୁଆମାନ୍‌କୁ ପାଠ୍‌ପଢ଼େଇକରି ଆତ୍ମନିର୍ଭର୍‌ଶୀଲ୍ କର୍‌ବାର୍‌ଟାକେ ସୁନିଶ୍ଚିତ୍ କର୍‌ବାର୍‌କେ ବୈଠକ୍‌ଥି ଜୋର୍ ଦିଆଯାଇଛେ ।

ବିଶ୍ୱ ଆଥଲେଟିକ୍ସ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା କାଏଲ୍ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍, ଏଥ୍‌ଲେଟିକ୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଆଉ ବିଶ୍ୱ ଆଥ୍‌ଲେଟିକ୍ସର ମିଳିତ୍ ସହଯୋଗ୍‌ଥି ଇ ଦିନ୍‌କିଆ ପ୍ରତିଯୋଗିତା କରାଯାଉଛେ । ଗଲାବଛର୍‌ର ସଫଲ୍ ବ୍ରୋଂଚ୍ ସ୍ତରୀୟ ପ୍ରତିଯୋଗିତାନୁ ଇତାକେ ସିଲ୍‌ଭର୍‌ସ୍ତର୍‌କେ ଉନ୍ନୀତ୍ କରାଯାଇଛେ । ଇତାର୍‌ଛଡ଼ା ୨୦୨୮ ମସିହାଥି କଳିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଇନଡୋର୍ ଚାମ୍ପିଅନ୍‌ସିପ୍ ଆଉ ଏସୀୟ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଆନ୍‌ସିପ୍ ଲାଗି ଇଟା ଗୁଟେ ବଡ଼ ପଦକ୍ଷେପ୍ ଆଏ । ପ୍ରତିଯୋଗିତାଥି ୨୭ ଟା ଦେଶ୍‌ନୁ ଶହେ ୮୭ ଝନ୍ ପ୍ରତିଷ୍ଠିତ୍ ଆଥ୍‌ଲେଟ୍ ଭାଗ୍ ନଉଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ଆଏବା ୨୫ ତାରିଖ୍‌ତକ୍ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ । ୨୭ ତାରିଖ୍ ଆଢ଼େ

ଇଟା ଲଘୁଚାପ୍‌ର ରୂପ୍ ନେଇପାରେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍‌ନୁ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର ୬ ବଜେତକ୍ ୬ ଶହ ୨୧ ଦଶ୍‌ମିକ୍ ୫/୨ ଫୁଟ୍ ରହିଥିଲା । ଇହାଦେ ୧୫ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍ ୬୮ ହଜାର୍ ୯ ଶହ ୮୩ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୫୭ ହଜାର୍ ୯ ଶହ ୩୬ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍ ଭିତର୍‌କେ ଆସୁଛେ ।